# NATIONAL NEWS BULLETIN (ODIA)

## 9 October 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଜାରି ରହିଥିବା ମହିଳା ଏବଂ ଶିଶୁ ବିକାଶ ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆଜି ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।
- କୃତ୍ରିମ ବୁଦ୍ଧିମତାର ସୁଫଳ ସମସ୍ତ ନାଗରିକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆସନ୍ତା ନଭେମ୍ବର ସୁଦ୍ଧା ସରକାର ପ୍ରକାଶ କରିବେ ଏକ ପରାମର୍ଶାବଳୀ ।
- ବିଦେଶୀ କର୍ମଚାରୀଙ୍କ ଲାଗି ଆମେରିକୀୟ କମ୍ପାନୀଗୁଡ଼ିକ ପକ୍ଷରୁ ଗ୍ରୀନ୍‌କାର୍ଡ଼ ଉପଲବ୍ଧ କରାଇବାର ବ୍ୟବସ୍ଥା 'ପ୍ରେମ୍' ଯୋଜନାକୁ ୮ଟି ପ୍ରମୁଖ କମ୍ପାନୀ ଲାଗି ସ୍ଥଗିତ ରଖିଛନ୍ତି ଟ୍ରମ୍ପ୍ ପ୍ରଶାସନ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ଆଜି ଖେଳାଯିବ ରାଞ୍ଚିରେ ।

# ପିଏମ୍-ଡବ୍ଲ୍ୟୁସିଡି ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଜାରି ରହିଥିବା ମହିଳା ଏବଂ ଶିଶୁ ବିକାଶ ବିଭାଗୀୟ ସମ୍ମିଳନୀର ଥଳମଶଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେବେ । ଏହି ଦୁଇ ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଥିଲା । ବିଭିନ୍ନ ରାଜ୍ୟର ମହିଳା ଓ ଶିଶୁ ବିକାଶ କ୍ଷେତ୍ରର ରାଜନୈତିକ ନେତୃବୃନ୍ଦ ଏବଂ ବରିଷ୍ଠ ଅଧିକାରୀ ଏହି ସମ୍ମିଳନୀରେ ଯୋଗଦେଇ ନିଜ ନିଜର ସୁ-ଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି । ସଂଘୀୟ ସହଯୋଗକୁ ଅଧିକ ସଶକ୍ତ କରିବା, ଜାତୀୟ ପ୍ରାଥମିକ ପ୍ରସଙ୍ଗଗୁଡ଼ିକୁ ମିଳିତ ଭାବେ ଆଗେଇ ନେବା ଏବଂ କେନ୍ଦ୍ର-ରାଜ୍ୟ ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରି ସମସ୍ତ ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଧାନମନ୍ତ୍ରୀ ଦ୍ୱାରା ଏହି ବିଭାଗୀୟ ସମ୍ମିଳନୀ ପରିକଳ୍ପନା କରାଯାଇଛି ।

ଏହି ସମ୍ମିଳନୀରେ ୪ଟି ପ୍ରମୁଖ ପ୍ରସଙ୍ଗ ଉପରେ ମୁଖ୍ୟତଃ ପ୍ରାଧାନ୍ୟ ଦିଆଯାଇଛି । ସେଗୁଡ଼ିକ ହେଲା – ପୋଷଣ, ପ୍ରାଥମିକ ଶିକ୍ଷା, ଶିଶୁ ସୁରକ୍ଷା ଏବଂ ମହିଳା ସୁରକ୍ଷା ଓ ସଶକ୍ତିକରଣ । ସରକାରୀ ଯୋଜନା ତଥା ପ୍ରଶାସନିକ କାର୍ଯ୍ୟରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ କେନ୍ଦ୍ର ସରକାର' ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କର୍ତ୍ତୃପକ୍ଷ ଏବଂ ବିଭିନ୍ନ କ୍ଷେତ୍ରର ସମ୍ପୃକ୍ତ ପକ୍ଷମାନଙ୍କ ସହିତ ମିଳିତ ଭାବେ ମୁକାବିଲା କରିବା ଲାଗି ବିଭାଗୀୟ ସମ୍ମିଳନୀଗୁଡ଼ିକରେ ଆଲୋଚନା କରିଥାନ୍ତି ।

# ପିଏମ୍-ଜିଏସ୍‌ଟି କାଉନ୍‌ସିଲ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବସ୍ତୁ ଓ ସେବାକର – ଜି.ଏସ୍.ଟି.ରେ କରାଯାଇଥିବା ସଂସ୍କାରକୁ ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି, ଗତକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି.ଏସ୍.ଟି. କାଉନ୍‌ସିଲ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ଦେଶର ଆର୍ଥିକ ବ୍ୟବସ୍ଥା ଉପରେ ଅନେକ ସକାରାତ୍ମକ ପ୍ରଭାବ ପଡ଼ିବ । ବିଶେଷ କରି ଗିରଫ୍‌ଦାରୀ ବ୍ୟବସ୍ଥାକୁ ହଟାଇବା ଏବଂ ସରଳ ପ୍ରକ୍ରିୟାକରଣ ଆଦି ସୁପାରିଶଗୁଡ଼ିକ ସ୍ୱାଗତ ଯୋଗ୍ୟ । ଦ୍ରୁତ ନିଷ୍ପତ୍ତି, ସ୍ୱୟଂଚାଳିତ ରିଫଣ୍ଡ ବ୍ୟବସ୍ଥା ଏବଂ ବିଶ୍ୱାସ ଭିତ୍ତିକ ପ୍ରଶାସନ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି । ଏହି ସଂସ୍କାରଗୁଡ଼ିକ ଜି.ଏସ୍.ଟି.କୁ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ନାଗରିକ ଅନୁକୂଳ କରିବା ଦିଗରେ ସରକାରଙ୍କ ଦ୍ୱାରା କରାଯାଉଥିବା ନିରନ୍ତର ପ୍ରଚେଷ୍ଟା ଆଧାରରେ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

# ବୈଷ୍ଣବ-ଏଆଇ

ଆସନ୍ତା ନଭେମ୍ବର ମାସ ସୁଦ୍ଧା କୃତ୍ରିମ ବୁଦ୍ଧିମତ୍ତାର ଭବିଷ୍ୟତ ରୂପରେଖ ନେଇ ଏକ ପରାମର୍ଶବଳୀ ପ୍ରକାଶ କରାଯିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

କହିଛନ୍ତି । ଏକ୍ଷେତ୍ରରେ ବିକଶିତ ବିଶ୍ୱ ରିପୋର୍ଟ-୨୦୨୬ ସାର୍ବଜନୀନ ହେବା ପରେ  ଗଣମାଧ୍ୟମ ସହ ଆଲୋଚନା କାଳରେ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ପ୍ରସ୍ତାବିତ ପରାମର୍ଶବଳୀରେ ଏ.ଆଇ. ଏବଂ ସାଇବର ସୁରକ୍ଷା ସହିତ ଏକ୍ଷେତ୍ରର ଆହ୍ୱାନଗୁଡ଼ିକର ମୁକାବିଲା ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବ । ଏ.ଆଇ.ର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଏହି ପରାମର୍ଶବଳୀ ଉପଯୋଗୀ ସାବ୍ୟସ୍ତ ହେବ । ଏଥିପାଇଁ ବିଶ୍ୱବ୍ୟାଙ୍କ୍ ସହ ମିଳିତ ଭାବେ କୃତ୍ରିମ ବୁଦ୍ଧିମତ୍ତା ଉପରେ ବ୍ୟାପକ ଗବେଷଣା କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । କୃଷି, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଭଳି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସଠିକ୍ ଉପଯୋଗ ସମସ୍ତଙ୍କ ପାଖରେ ସୁଫଳ ପ୍ରଦାନ କରିବା ବୋଲି ଶ୍ରୀ ବୈଷ୍ଣବ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଶ୍ରୀ ବୈଷ୍ଣବ' ଷ୍ଟାର୍ଟଅପ୍, ଶିକ୍ଷାକ୍ଷେତ୍ର, ନବସୃଜନ ତଥା ଛାତ୍ରଛାତ୍ରୀଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତାକୁ ଅଧିକ ସୁଲଭ କରିବା ଉପରେ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି ।

# ହୋମ ମିନିଷ୍ଟ୍ରି-ସିଏପିଏଫ୍

କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ସାଧାରଣ ପ୍ରଶାସନ ଆଇନ୍ ୨୦୨୬ ଗତକାଲିଠାରୁ ଦେଶ ବ୍ୟାପି ଲାଗୁ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଏପ୍ରିଲ୍ ୯ ତାରିଖରେ

ଏଥିଲାଗି ନିଜର ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଆଇନ୍ ଅନୁଯାୟୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀରେ ମହାନିରିକ୍ଷକ ପାହ୍ୟାର ମୋଟ୍ ପଦର ୫୦ ପ୍ରତିଶତ, ଅତିରିକ୍ତ ମହାନିର୍ଦ୍ଦେଶକ ପଦର ଅତିକମ୍‌ରେ ୬୭ ପ୍ରତିଶତ ଏବଂ ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଓ ମହାନିର୍ଦ୍ଦେଶକର ସମସ୍ତ ପଦଗୁଡ଼ିକ ଭାରତୀୟ ପୁଲିସ୍ ସେବା ଅଧିକାରୀଙ୍କ ଦ୍ୱାରା ଡେପୁଟେସନ୍ ମାଧ୍ୟମରେ ପୂରଣ କରାଯିବାର ବ୍ୟବସ୍ଥା ରହିଛି ।

## ରାମମନ୍ଦିର

ଅଯୋଧ୍ୟାର ରାମମନ୍ଦିର ସଭ୍ୟତାଗତ ଚେତନାର ପୁନର୍ଜାଗରଣର ପ୍ରତୀକ ବୋଲି ଜନମତ ପ୍ରକାଶ ପାଇଛି । ପ୍ରାୟ ୫୦୦ ବର୍ଷ ପରେ ଅଯୋଧ୍ୟାର ପବିତ୍ର ଭୂମିରେ ସଭ୍ୟତା ନିଜର ଉପଯୁକ୍ତ ସ୍ଥାନ ପାଇଛି ବୋଲି ବିଶ୍ୱାସ କରାଯାଏ । ୫ ଶତାବ୍ଦୀ ଧରି ହିନ୍ଦୁମାନେ ରାମ ଜନ୍ମ ହୋଇଥିବା ସ୍ଥାନକୁ ପୁନରୁଦ୍ଧାର କରିବା ଲାଗି ଅପେକ୍ଷା କରିଥିଲେ । ୧୦୦ କୋଟି ଲୋକଙ୍କର ବିଶ୍ୱାସର କେନ୍ଦ୍ରବିନ୍ଦୁ ଭାବେ ପରିଚିତ ଅଯୋଧ୍ୟାରେ ମନ୍ଦିର ନିର୍ମାଣ ଲାଗି ପ୍ରତିଶ୍ରୁତି ପିଢ଼ି ପରେ ପିଢ଼ି ଧରି ଚାଲି ଆସିଛି । ଏ ସମ୍ପର୍କିତ ମାମଲା ୭୦ ବର୍ଷ ଧରି ଅଦାଲତରେ ଅଚଳ ଅବସ୍ଥାରେ ପଡ଼ି ରହିଥିଲା । ତେବେ ଯୁକ୍ତି ପରିବର୍ତ୍ତେ ଭିତ୍ତିଭୂମି ପ୍ରସ୍ତୁତ କରିବା, ଅଦାଲତଙ୍କ ରାୟକୁ ଗ୍ରହଣ କରିବା, ଶାନ୍ତି ବଜାୟ ରଖିବା ଏବଂ ଉତ୍ତେଜନାକୁ ଏଡ଼ାଇବା ଦିଗରେ ପ୍ରତ୍ୟେକ ପକ୍ଷକୁ ନିବେଦନ କରିବା ଥିଲା ନରେନ୍ଦ୍ର ମୋଦୀଙ୍କ

ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ଉତ୍ତର । ଅଦାଲତଙ୍କ ଏ ସମ୍ପର୍କିତ ରାୟଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଗ୍ରହଣ କରାଯାଇଥିବା ପ୍ରକ୍ରିୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ଏଥିଲାଗି କୌଣସି ହିଂସାକାଣ୍ଡ ମଧ୍ଯ ଘଟିନଥିଲା ।

୨୦୨୪ ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିରରେ ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା ଏବଂ ୨୦୨୫ ନଭେମ୍ବରରେ ଧ୍ୱଜାରୋହଣ ସମେତ ମନ୍ଦିରର କାର୍ଯ୍ୟ ସମାପ୍ତ ହୋଇଥିଲା ।

ପ୍ରାଣ ପ୍ରତିଷ୍ଠା ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଠାରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇ – ରାମ ମନ୍ଦିରର ଏହି ପ୍ରତିଷ୍ଠା ବସୁଧୈବ କୁଟୁମ୍ବକମ୍‌ର ପ୍ରତିଷ୍ଠା ବୋଲି ମତବ୍ୟକ୍ତ କରିଥିଲେ । ଏହାଦ୍ୱାରା ରାମଙ୍କ ରୂପରେ ଭାରତୀୟ ସଂସ୍କୃତି ପ୍ରତି ଅତୁଟ ବିଶ୍ୱାସର ପ୍ରାଣ ପ୍ରତିଷ୍ଠା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । **V/O**

## ଇଣ୍ଡିଆ-ରିୟାଦ୍

ରିୟାଦ୍‌ର ଆଭା ଆନ୍ତର୍ଜାତିକ ବିମାନ ବନ୍ଦର ଏବଂ କିଙ୍ଗ୍ ଖାଲିଦ୍ ଆନ୍ତର୍ଜାତିକ ବିମାନ ବନ୍ଦର ଉପରେ ଗତ କିଛିଦିନ ମଧ୍ୟରେ କରାଯାଇଥିବା ଆକ୍ରମଣ ଦ୍ୱାରା ସାଧାରଣ ନାଗରିକଙ୍କ ମୃତାହତ ଘଟଣାକୁ ଭାରତ ନିନ୍ଦା କରିଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି, ସାଧାରଣ ଭିତ୍ତିଭୂମିକୁ ଲକ୍ଷ୍ୟ କରି

କରାଯାଉଥିବା ଏଭଳି ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ । ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜଣାଇବା ସହ ସାଉଦି ଆରବର ସରକାର ଏବଂ ନାଗରିକଙ୍କ ସହିତ ଏଭଳି ବିପଦ ସମୟରେ ଭାରତ ଦୃଢ଼ ଭାବେ ଛିଡ଼ା ହୋଇଛି ବୋଲି ମନ୍ତ୍ରଣାଳୟ କହିଛି ।

ଏହି ପରିପ୍ରେକ୍ଷୀରେ ରିୟାଦ୍ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସାଉଦି ଆରବରେ ରହୁଥିବା ଭାରତୀୟମାନେ ଅଧିକ ସତର୍କ ରହିବା ସହିତ ଅତି ଆବଶ୍ୟକ ନ ଥିଲେ ବାହାରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି । ଏଭଳି ଆକ୍ରମଣ ଜନିତ କୌଣସି ଭିଡ଼ିଓକୁ ପ୍ରଚାର-ପ୍ରସାର ତଥା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଲାଗି ମଧ୍ୟ ବାରଣ କରାଯାଇଛି । ଏଥିଲାଗି ଏକ ୨୪ ଘଣ୍ଟିଆ ପ୍ରବାସୀ ଭାରତୀୟ ସହାୟତା କେନ୍ଦ୍ର ଖୋଲାଯାଇଛି ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି ।

## ହାଉଥି-ସାଉଦି ଆଟାକ୍ସ

ସାଉଦି ଆରବର ବିଭିନ୍ନ ବିମାନ ବନ୍ଦର ଉପରେ ହାଉଥିମାନେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବା ଦାବି କରିଛନ୍ତି । ଏଥିସହିତ ସାଉଦି ତୈଳ କେନ୍ଦ୍ର ଏବଂ ବିମାନ ବନ୍ଦରରୁ ଶ୍ରମିକମାନେ ଦୂରେଇ ରହିବା ଲାଗି ହାଉଥିମାନଙ୍କ ପକ୍ଷରୁ ସତର୍କ କରାଯାଇଛି । ଅନ୍ୟ ପକ୍ଷରେ ସାଉଦି ନେତୃତ୍ୱାଧିନ ମେଣ୍ଟ ପକ୍ଷରୁ ତିନୋଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନଷ୍ଟ କରିଦିଆଯାଇଥିବା ଦାବି କରାଯାଇଛି । ଏହି ଆକ୍ରମଣ ଦ୍ୱାରା ରିୟାଦ୍‌ରୁ ଏୟାର୍ ଇଣ୍ଡିଆ, ଇଣ୍ଡିଗୋ, ଆକାଶା ଆଦି ଅନେକଗୁଡ଼ିଏ ବିମାନ ସେବାକୁ

ସାମୟିକ ଭାବେ ବନ୍ଦ ରଖାଯାଇଛି । ସାଉଦି ଆରବ ଉପରେ ହାଉଥିମାନଙ୍କ ପକ୍ଷରୁ କରାଯାଉଥିବା ଏହି ଆକ୍ରମଣକୁ ସଂଯୁକ୍ତ ଆରବ ଏମିରେଟ୍ସ, ଜୋର୍ଡ଼ାନ୍, ଇଜିପ୍ଟ, କୁଏତ୍ ଓ ବାହାରିନ୍ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି ।

# କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ ଚଳିତ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ରାଞ୍ଚିଠାରେ ଖେଳାଯିବ । ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଆନ୍ତର୍ଜାତିକ ସିରିଜ୍‌କୁ ଭାରତ ୨-୧ରେ ଅକ୍ତିଆର କରିଛି ।